# Akashvani, Sambalpur

## SAMBALPURI NEWS EVENING BULLETIN

## 17 November 2024- 7.02 pm- 7.12 pm.

**********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦିଆଯିବା ନାଇଜେରିଆର୍ ସର୍ବୋଚ୍ଚ ସମ୍ମାନ୍ 'ଗ୍ରାଣ୍ଡ କମାଣ୍ଡର୍ ଅଫ୍ ଦ ଅର୍ଡର୍ ଅଫ୍ ଦ ନାଇଜର୍' ।

୨- ଭୁବନେଶ୍ୱର୍ ନ ଆଏଜ୍ ହେଲା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ବିତରଣ୍ ଉତ୍ସବ୍ ।

- ଅନନ୍ତ ମହାପାତ୍ର, ଶ୍ରୀନିବାସ ମହାପାତ୍ର ଆର୍ ଜୟୀରାମ୍ ସାମଲ୍ ପାଏଲେ ମୋହନ୍ ସୁନ୍ଦର୍‌ଦେବ ଗୋସ୍ୱାମୀ ପୁରସ୍କାର୍ ।

୩- ଏପ୍ରିଜେ ଅବ୍‌ଦୁଲ୍ କଲାମ୍ ଦ୍ୱୀପନୁ ଦୀର୍ଘଦୂରତା ଅତିକ୍ରମ କରୁଥିବା ହାଇପର୍ ସୋନିକ୍ କ୍ଷେପଣାସ୍ତ୍ରର ହେଲା ସଫଲ୍ ପରୀକ୍ଷଣ୍ ।

ଆଉର୍

୪- ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ଓଡ଼ିଶା ପୁରୁଷ ହକି ଦଲ୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କରାଗଲା ଜୋର୍‌ଦାର୍ ସ୍ୱାଗତ୍ ।

ପ୍ରଧାନ୍‌ମନ୍ତ୍ରୀ- ଆନ୍ତର୍ଜାତିକ ସମ୍ମାନ୍  ଆର୍‌ଏନ୍‌ୟୁ

କଟକ୍/ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନାଇଜେରିଆର୍ ସର୍ବୋଚ୍ଚ ସମ୍ମାନ୍ ଗ୍ରାଣ୍ଡ କମାଣ୍ଡର୍ ଅଫ୍ ଦ ଅର୍ଡର୍ ଅଫ୍ ଦ ନାଇଜର୍ ଦିଆଯିବା । ନାଇଜେରିଆ ସର୍‌କାର୍‌ଙ୍କର୍ ତର୍‌ଫୁ ପ୍ରଧାନ୍‌ମନ୍ତ୍ରୀଙ୍କୁ ଇ ସମ୍ମାନ୍ ଦିଆଯିବା । ଇତାର୍ ଆଘୋନୁ ୧୯୬୯ ମସିହାଥି ଝନେ ନ ବିଦେଶୀ ଅତିଥି ରାଣୀ ଏଲିଜାବେଥ୍‌ଙ୍କୁ ଇ ସମ୍ମାନ୍ ଦିଆଯାଇଛେ ।ଇନ ଜନେଇ ଦିଆଯାଇପାରେ ଯେ, ନାଇଜେରିଆର୍ ସର୍ବୋଚ୍ଚ ସମ୍ମାନ୍ ଗ୍ରାଣ୍ଡ କମାଣ୍ଡର୍ ଅଫ୍ ଦ ଅର୍ଡର୍ ଅଫ୍ ଦ ନାଇଜର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଲାଗି ୧୭ ନମ୍ବର୍ ଆନ୍ତର୍ଜାତିକ୍ ସମ୍ମାନ୍ ହେବା ।

ନୌସେନା ଦିବସ୍-ବୈଠକ୍            ଆର୍‌ଏନ୍‌ୟୁ /ସମ୍ବଲପୁର

ପୁରୀର ବେଳାଭୂମି ବ୍ଲୁ ଫ୍ଲାଗ୍ ବିଚ୍ ନ ଆଏବା ମାସର୍ ୪ ତାରିଖ୍ ଦିନ ନୌସେନା ଦିବସ୍ ପାଲିତ୍ ହେବାର୍‌କେ ଯାଉଛେ । ହେଥି ନୌସେନା ତାର୍ ବୈଷୟିକ ଦକ୍ଷତା, ସାମର୍ଥ୍ୟ ଆର୍ ରଣନୀତି ପ୍ରସ୍ତୁତି ପ୍ରଦର୍ଶନ୍ କର୍‌ବା । ଇ କାର୍ଯ୍ୟକ୍ରମ୍‌ଥି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଲ୍ ରଘୁବର୍ ଦାସ ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ନୌସେନାର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ । ଇ କାର୍ଯ୍ୟକ୍ରମ୍ ଯେନ୍ତା ସଫଲ୍ ଭାବେ ହେବା ହେଥିର୍‌ଲାଗି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟ ପୁଲିସ୍ ପ୍ରଶାସନ୍ ଆର୍ ଭାରତୀୟର ନୌସେନାର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ଆଏଜ୍ ଉପର୍‌ବେଲା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ବିତରଣ୍ ଉତ୍ସବ୍ ହେଇଯାଇଛେ । ରାଜ୍ୟପାଲ୍ ରଘୁବର୍ ଦାସ ଉତ୍ସବ୍‌ର ଉଦ୍‌ଘାଟନ୍ କରିଥିବାର୍ ବେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆର୍ ଓଡ଼ିଆ ଭାଷା, ସାହିତ୍ୟ ଆର୍ ସଂସ୍କୃତି ବିଭାଗ୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉପସ୍ଥିତ୍ ଥିଲେ । ସମାରୋହଥି ଓଡ଼ିଆ ଚଳଚ୍ଚିତ୍ର ଜଗତ୍ ନ ଜୀବନ୍‌ବ୍ୟାପୀ ସାଧନାର୍ ଲାଗି ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, ବରିଷ୍ଠ ଚିତ୍ର ଉତୋଳନକାରୀ ଶ୍ରୀନିବାସ ମହାପାତ୍ର ଆର୍ ହାସ୍ୟ ଅଭିନେତା ଜୟୀରାମ ସାମଲ୍‌ଙ୍କୁ

୨୦୨୦, ୨୦୨୧ ଆର୍ ୨୦୨୨ ବଛର୍‌ର ମୋହନ୍ ସୁନ୍ଦର୍ ଦେବ୍ ଗୋସ୍ୱାମୀ ପୁରସ୍କାର୍ ଦିଆଯାଇଥିଲା । ଇତାର୍‌ସହେତେ ୨୦୨୦, ୨୦୨୧ ଆର୍ ୨୦୨୨ ବଛର୍ ଲାଗି ଭିନ୍ ଭିନ୍ ବର୍ଗଥି ମନୋନୀତ ବ୍ୟକ୍ତିମାନ୍‌କୁ ପୁରସ୍କୃତ କରାଯାଇଥିଲା ।

## ମେଡ଼ିକାଲ୍ କଲେଜ୍ ଥାପ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ଆଏବା ୫ ବଛର୍ ଭିତ୍‌ରେ ରାଜ୍ୟର୍ ଫି' ଜିଲ୍ଲା ନ ମେଡ଼ିକାଲ୍ କଲେଜ୍ ଥାପ୍‌ନା କର୍‌ବାର୍‌କେ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍‌ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ଥିବାର୍ ଅଖିଳ ଭାରତୀୟ ଆର୍ଯୁର୍ବିଜ୍ଞାନ୍ ସଂସ୍ଥାନ୍- ଏମ୍ସ ନ ଏଏସ୍‌ଆଇ ଓଡ଼ିଶା ଅଧ୍ୟାୟର୍ ବଛର୍‌କିଆ ସମ୍ମିଲନୀଥି ଯୋଗ୍ ଦେଇକରି ରାଜ୍ୟ ସର୍‌କାର୍ ଆଏବା ଆର୍ଥିକ୍ ବଛ୍‌ରେ ରୋବୋଟିକ୍ ସର୍ଜରୀ ମୁଲ୍ କର୍‌ବାର୍ ସଙ୍ଗେ ସ୍ୱାସ୍ଥ୍ୟସେବା ନ ଅତ୍ୟାଧୁନିକ୍ ଜ୍ଞାନ୍‌କୌଶଲ୍‌ର ବେଭାର୍‌କେ ବଢ଼ାବାର୍ ଲାଗି ଯୋଜ୍‌ନା କରୁଛନ୍ ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ସେନ୍ତା କଟକ୍ ନ ଥିବା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ୍ ହାସ୍‌ପାତାଲ୍‌ର କାର୍ଡ଼ିଓ ଥୋରାସି ବିଭାଗ୍ ନ ହୃତ୍‌ପିଣ୍ଡ

ଟ୍ରାନ୍ସପ୍ଲାଂଟ୍ ଆଉଟ୍‌ଡୋର୍‌କେ ଉଦ୍‌ଘାଟନ୍ କରିକରି ଆଏବା ଶହେ ଦିନ୍ ଭିତ୍‌ରେ ରୋଗୀଙ୍କର୍ ହୃତ୍‌ପିଣ୍ଡ ପ୍ରତିରୋପଣ୍ କରାଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ । ସୂଚ୍‌ନା ଅନ୍‌ସାରେ ଏତ୍‌କର ଫି’ ମାସ ୩ ନମ୍ବର୍ ଶନିବାର୍ ଦିନ ହୃତ୍‌ପିଣ୍ଡ ଟ୍ରାନ୍ସପ୍ଲାଂଟ୍ ଆଉଟ୍‌ଡୋର୍ ନ ରୋଗୀମାନ୍‌କର୍ ସ୍କ୍ରିନିଂ କରାଯାଇକରି ବିନା ଖର୍ଚ୍ଚାଥି ରୋଗୀଙ୍କର୍ ହୃତ୍‌ପିଣ୍ଡ ପ୍ରତିରୋପଣ୍ କରାଯିବା ।

ସଡ଼କ୍ ନୀତି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଗୁଟେ ସ୍ୱତନ୍ତ୍ର ସଡ଼କ୍ ନୀତି ତିଆର୍ କରାଯିବା ବଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ଯେ, ଜାତୀୟ ରାଜପଥ ଆଉ ରାଜ୍ୟ ରାଜପଥକେ ମିଶେଇକରି ରାଏଜେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ୍, ନଗର୍ ଉନ୍ନୟନ୍, ପଂଚାୟତିରାଜ୍ ବିଭାଗ୍ ଆର୍ ଭିନ୍ ଭିନ୍ ମହାନଗର୍ ନିଗମ୍ ଅଧୀନ୍‌ଥି ସଡ଼କ୍ ମାନ୍ ଅଛେ । ସମନ୍ୱୟ ଅଭାବ୍‌ନୁ ସଡ଼କ୍ ତିଆରି ଆର୍ ମରାମତି କାମ୍‌ଥି ସମସ୍ୟା ହେଉଥିବାର୍‌ନୁ ଆଏବା ୫୦ ବଛର୍‌କେ ନଜର୍‌ଥି ରଖିକରି ସ୍ୱତନ୍ତ୍ର ସଡ଼କ୍ ନୀତି ଦର୍‌କାର୍ ଅଛେ ବଲି ସେ କହିଛନ୍ । ସମୀକ୍ଷା ବୈଠକ୍‌ଥି

ଆଏବା ୨୦୨୯ ମସିହାତକ୍ ଶହେ ଜନସଂଖ୍ୟା ଥିବା ଗାଁ ମାନ୍‌କୁ ସବୁଦିନିଆ ସଡ଼କ୍ ତିଆର୍‌ବାର୍‌କେ ଯୋଜ୍‌ନା ବନାବାର୍ ଉପ୍‌ରେ ଆଲୋଚନା ହେଇଥିଲା ।

ଶ୍ରୀଜଗନ୍ନାଥଙ୍କ-ଜମି ବେଆଇନ୍ ବିକ୍ରି ଆର୍‌ଏନ୍‌ୟୁ/ କଟକ୍

ଶ୍ରୀଜଗନ୍ନାଥଙ୍କର୍ ଜମିର୍ ବେଆଇନ୍ ବିକ୍ରିକେ ବର୍‌ଦାସ୍ତ କରା ନାଇଁ ଯାଏ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ କହିଛନ୍ । ସେ କହିଛନ୍ ଯେ, ଶ୍ରୀଜଗନ୍ନାଥଙ୍କର୍ ଜମି ବିକ୍ରିଥି ସମ୍ପୃକ୍ତ କ୍ରେତା ବିକ୍ରେତା ଆର୍ ସବ୍‌ରେଜିଷ୍ଟ୍ରାର୍‌ଙ୍କର୍ ବିରୋଧ୍ ନ ଦୃଢ଼ କାର୍ଯ୍ୟାନୁଷ୍ଠାନ୍ ହେବା । ୨୦୦୩ ୟୁନିଫର୍ମ ପଲିସି ଅନ୍‌ସାରେ ଜବର୍‌ଦଖଲ୍ ହେଇଥିବା ଶ୍ରୀଜଗନ୍ନାଥଙ୍କର୍ ଜମି ମାନ୍‌କର୍ ବନ୍ଦୋବସ୍ତ କରାଯାଇକରି ଜମିମାନ୍‌କୁ ଜବର୍‌ଦଖଲ୍ ମୁକ୍ତ କରାଯିବା ଆଉ ହେଥି ୮ ନୁ ୧୦ ହଜାର୍ କୋଟି ଟଙ୍କାର୍ କର୍ପସ୍ ଫଣ୍ଡ ଗଢ଼ାଯାଇପାର୍‌ବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । ସେଆଡ଼େ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ ଯେ, ଶ୍ରୀଜଗନ୍ନାଥ ମାହାପୁରୁଙ୍କର୍ ବିଜେପୁରୀ ମାର୍ଫତ୍ ପରିଚାଲନା କମିଟିଙ୍କର୍ ସବୁ ଜମି ପଟ୍ଟାର୍ କମ୍ପ୍ୟୁଟରିକରଣ୍ କରାଯାଇଛେ । ହେତାର୍ ଜରିଏ ବିକ୍ରିବଟା ଆର୍ ଲିଜ୍‌କେ ସ୍ୱଚ୍ଛ କରାଯାଇପାର୍‌ବା ବଲି ଶ୍ରୀ ପାଢ଼ୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି ବନ୍ଦ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା କାଏଲ୍ ଆର୍ ୨୫ ତାରିଖ୍ ଦିନ ହେବାର୍‌କେ ଥିବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ଦିନ୍‌ମାନ୍‌କେ ଭୁବ୍‌ନେଶ୍ୱର୍ ନ ୟୁନିଟ୍ -୫ ଅଭିଯୋଗ୍ ପ୍ରକୋଷ୍ଠ ଜନଅଭିଯୋଗ୍ ଶୁଣାଣି ନାଇଁ ହୁଏ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ହାଇପର୍‌ସୋନିକ୍ କ୍ଷେପଣାସ୍ତ୍ର          ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶାର୍ ଡକ୍ଟର୍ ଏପିଜେ ଅବ୍‌ଦୁଲ୍ କଲାମ୍ ଦ୍ୱୀପନୁ ଦେଶର୍ ପହେଲା ଦୀର୍ଘଦୂରତା ଅତିକ୍ରମ୍ କରୁଥିବାର୍ ହାଇପର୍‌ସୋନିକ୍ କ୍ଷେପଣାସ୍ତ୍ରର୍ ସଫଲ୍ ପରୀକ୍ଷଣ୍ କରାଯାଇଛେ । ପ୍ରତିରକ୍ଷା ଗବେଷଣା ଆର୍ ବିକାଶ୍ ପ୍ରତିଷ୍ଠାନ୍ - ଡିଆର୍‌ଡିଓ ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ଇ କ୍ଷେପଣାସ୍ତ୍ର ୧୫ ଶହ କିଲୋମିଟର୍‌ନୁ ଅଏତ୍‌କା ଦୂରିଆ ଅତିକ୍ରମ୍ କରିପାର୍‌ବା । ହେତାର୍‌ସଙ୍ଗେ ୫୦ କେଜି ତକ୍ ଅତି ଜ୍ୱଲନଶୀଳ ଯୁଦ୍ଧାସ୍ତ୍ର ବୁହିପାର୍‌ବା । ଇ

କ୍ଷେପଣାସ୍ତ୍ରର୍ ଲକ୍ଷ୍ୟଭେଦ ଦୂରତା ୧ ହଜାର୍ ୩ ଶହ ୬୮ କିଲୋମିଟର୍ ଅଛେ । ଇ କ୍ଷେପଣାସ୍ତ୍ରର୍ ସଫଲ୍ ପରୀକ୍ଷଣ୍ ଦେଶର୍ ଲାଗି ଗୁଟେ ଐତିହାସିକ୍ ଉପଲବ୍ଧି ଆଏ ବଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ୍ ସିଂ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

ଭାରତ୍ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆର୍ଏନ୍ୟୁ/ କଟକ୍

ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ଚାଲିଥିବା ଭାରତ୍ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାଥି ଓଡ଼ିଶା ମଣ୍ଡପ୍ ବନେ ଆକର୍ଷଣ୍ ହେଇଛେ । ଇ ବଛର୍ ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ ବିଭାଗ୍ ଆର୍ ସଂସ୍ଥା ତର୍ଫୁ ୨୫ ଟା ସ୍ୱତନ୍ତ୍ର ଷ୍ଟଲ୍ ଖୁଲାଯାଇଛେ । ହେଥି ଓଡ଼ିଶାର୍ କଳା, କାରିଗରି, ହସ୍ତତନ୍ତ ଆର୍ ହସ୍ତଶିଳ୍ପ ସାମାନ୍ ସଙ୍ଗେ ଜନଜାତି ସମ୍ପ୍ରଦାୟର୍ କଳାକୃତି ପ୍ରଦର୍ଶନ୍ କରାଯାଇଛେ । ରାଜ୍ୟର୍ ହାତ୍‌ବୁନା ଶାଢ଼ୀ, ମିଶନ୍ ଶକ୍ତି ମହିଳାମାନେ ତିଆର୍ କରୁଥିବା ସାମାନ୍ ଆର୍ ଗାଁର୍ ଉତ୍ପାଦ୍ ବାଗିର୍ ଜିନିଷ୍ ଘିନ୍‌ବାର୍କେ ଦେଶ୍ ବିଦେଶ୍‌ର ଲୋକ୍ ବନେ ଆଗ୍ରହ ଦେଖଉଛନ୍ । ବିକଶିତ୍ ଭାରତ୍ -୨୦୪୭ ବିଷୟକେ ନେଇକରି ଓଡ଼ିଶା ମଣ୍ଡପ୍‌ର ଡିଜାଇନ୍‌ଥି ସଂସ୍କୃତି ଆଉ ପ୍ରଯୁକ୍ତିର୍ ମେଲ୍ ଦେଖ୍‌ବାର୍କେ ମିଳିଛେ ।

ସମ୍ବିଧାନ୍ ରଥ-ବୌଦ୍ଧ          ବୌଦ୍ଧ ସମ୍ବାଦଦାତା

ଭାରତୀୟ ସମ୍ବିଧାନ୍ ପ୍ରଣୟନ୍‌ର ୭୫ ବଛର୍ ପୂର୍ତି ଅବ୍‌ସରେ ବର୍‌ଗଡ୍ ଜିଲ୍ଲାର୍ ଗାଇସିଲେଟ୍ ବ୍ଲକ୍ ଗନିଆପାଲି ବୁଦ୍ଧ ବିହାର୍‌ନୁ ବାହାରିଥିବା ସମ୍ବିଧାନ୍ ରଥ ଆଏଜ୍ ବୌଦ୍ଧ ଜିଲ୍ଲାକେ ପୁହୁଁଚିଛେ ।  ମନମୁଣ୍ଡା ଗାନ୍ଧୀ ଛକ୍ ନ ଖୋବ୍ ଲୋକ୍ ସମ୍ବିଧାନ୍ ରଥକେ ସ୍ୱାଗତ୍ କର୍‌ବାର୍ ସଙ୍ଗେ ବାବା ସାହେବ ଡକ୍ଟର୍ ଭୀମରାଓ ଆମ୍ବେଦ୍‌କର୍‌ଙ୍କର୍ ଫଟୋଥି ଫୁଲ୍‌ମାଲ୍ ଚଢ଼େଇଥିଲେ । ଆଏବା ମାସର୍ ୧ ତାରିଖ୍‌ତକ୍ ଇ ରଥ ପଶ୍ଚିମ ଓଡ଼ିଶାର୍ ୧୫ ଟା ଜିଲ୍ଲାକେ ଯିବା ବଲି ଜନାପଡ଼ିଛେ ।

ହକି          ଆର୍‌ଏନ୍‌ୟୁ / ସମ୍ବଲପୁର

ପହେଲାଥର୍ ଲାଗି ଜାତୀୟ ସିନିୟର୍ ପୁରୁଷ ହକି ଚମ୍ପିଆନ୍ ହେଇଥିବା ଓଡ଼ିଶା ଦଲ୍‌କେ ଆଏଜ୍ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଜୋର୍‌ଦାର ସ୍ୱାଗତ୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ଚେନ୍ନାଇ ନ ହେଇଥିବା ୧୪ ନମ୍ବର୍ ଜାତୀୟ ସିନିଅର୍ ପୁରୁଷ ହକି ଚମ୍ପିଆନ୍‌ସିପ୍‌ର ଫାଇନାଲ୍ ମେଚ୍‌ଥି

ଓଡ଼ିଶା ଦଲ୍ ହରିଆନାକେ ୫-୧ ଗୋଲ୍‌ଥି ହରେଇକରି ସ୍ୱର୍ଣ୍ଣପଦକ୍ ଜିତିଛନ୍ । ଓଡ଼ିଶା ଦଲର୍ ଖେଲାଲୀ ଶିଲାନନ୍ଦ ଲାକ୍ରା ହେଟ୍ରିକ୍ ଗୋଲ୍ କରିଥିବାର୍ ବେଲେ ରଜତ୍ ଆକାଶ୍ ତିର୍କି ଆର୍ ପ୍ରତାପ୍ ଲାକ୍ରା ଗୁଟେ ଲେଖା ଗୋଲ୍ କରିଥିଲେ । ଇ ଐତିହାସିକ୍ ବିଜୟ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓଡ଼ିଶା ଦଲ୍‌କେ ଶୁଭେଚ୍ଛା ଜନେଇଛନ୍ ।

ଦୁର୍ଗାଶଙ୍କର୍ ପଟ୍ଟନାୟକ୍ ସ୍ମାରକୀ ଫୁଟ୍‌ବଲ୍/ଆର୍‌ଏନ୍‌ୟୁ ସମ୍ବଲପୁର

ସମ୍ବଲପୁର୍ ଜିଲ୍ଲା ବର୍ଷିଆନ୍ କ୍ରୀଡ଼ା ସଂଘ ତର୍‌ଫୁ ଆଏଜ୍ ସିଂପାଲି କାଇଁଶିର୍ ପଡ଼ିଆ ନ ଦୁର୍ଗାଶଙ୍କର୍ ପଟ୍ଟନାୟକ୍ ସ୍ମାରକୀ ଆନ୍ତଃଉଚ୍ଚପ୍ରାଥମିକ ବିଦ୍ୟାଳୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ହେଇଯାଇଛେ । ହେଥି ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ଦଲ୍ ବିକାଶ୍ ସ୍କୁଲ୍ ଦଲ୍‌କେ ଟାଇବ୍ରେକର୍ ୪-୩ ଗୋଲ୍‌ଥି ହରେଇକରି ଇ ବଛ୍‌ରର୍ ଚମ୍ପିଆନ୍ ହେଇଛନ୍ । ଉଦ୍‌ଯାପନୀ ସମାରୋହଥି ଆଘର୍ ବିଧାୟକ୍ ନାଉରୀ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଚମ୍ପିଆନ୍ ଆର୍ ରନର୍ସଅପ୍ ଦଲ୍‌କେ ଟ୍ରଫି ଦେବାର୍ ସଙ୍ଗେ ମେନ୍ ଅଫ୍ ଦ ମେଚ୍ ବିକାଶ୍ ସ୍କୁଲ୍‌ର ରୋହିତ୍ ନାୟକ୍ ଆର୍ ମେନ୍ ଅଫ୍ ଦ ଟୁର୍ଣ୍ଣାମେଂଟ୍ ଦିଲ୍ଲୀ

ପବ୍ଲିକ୍ ସ୍କୁଲ୍‌ର ସତ୍ୟମ୍ ନାୟକଙ୍କୁ ପୁରସ୍କୃତ୍ କରିଥିଲେ । ସଂଘର୍ ବରିଷ୍ଠ ସଭ୍ୟ ରାମଚନ୍ଦ୍ର କର ଆର୍ କିରଣ୍ ଶଙ୍କର୍ ପଣ୍ଡାଙ୍କୁ ସମ୍ମାନିତ୍ କରାଯାଇଥିଲା ।

ବଦ୍ୟୁତ ଯୋଗାଣ ବନ୍ଦ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ୍ ଲିମିଟେଡ୍ - ଓପିଟିସିଏଲ୍ ତରଫ୍ରୁ ସମ୍ବଲ୍‌ପୁର୍ ଜିଲ୍ଲାର୍ ମାନେଶ୍ୱର୍ ନ ଥିବା ଶହେ ୩୨ / ୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ବଛରକିଆ ଦେଖ୍‌ରେଖ୍ କାମ୍ କରାଯିବା । ସେଥିର୍‌ଲାଗି ଆଏବାକାଏଲ୍ ସଖାଲର୍ ୮ ବଜାନୁ ବେଲ୍‌ବୁଡ଼ା ୫ ବଜେତକ୍ ମାନେଶ୍ୱର୍, ପଡ଼ିଆବାହାଲ୍, ତାଲ୍‌ପାଲି, ଝାଙ୍କର୍‌ପାଲି, ଜୟନ୍ତପୁର୍, ହୀରୋ, ବରଙ୍ଗମାଲ୍, ଧମା, ବଡ଼ସାହିର ଆର୍ ଆଖର୍‌ପାଖର୍ ଇଲାକାକେ ବିଜ୍‌ଲି ଯୋଗାଣ ବନ୍ଦ୍ ରହେବା ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଲି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ରାତିର୍ ତାତି କମ୍‌ବାର୍ ସହେତେ ଶୀତ୍ ପଡୁଛେ । ଆଏଜ୍‌ଠାନୁ ଆଏବା ୩ ଦିନ୍ ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଇଲାକାନ ରାତିର୍ ତାତି ୨ ନୁ ୩ ଡିଗ୍ରୀ ସେଲ୍‌ସିଅସ୍‌ତକ୍ କମ୍‌ବା ଆଉ ଆଏବା ୬ ଦିନ୍‌ତକ୍ ରାଏଜେ ପାଗ୍ ଶୁଖା ରହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ପୂର୍ବାନୁମାନ୍ କରାଯାଇଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏଜ୍ ରାଜ୍ୟର୍ ସବୁନୁ କମ୍ ତାତି ଭବାନୀପାଟ୍‌ନା ଆର୍

ଅନୁଗୁଲ୍ ନ ୧୩ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଛେ । ସେନ୍ତା ପର୍ଶ୍ଚିମ ଓଡ଼ିଶାର୍ ଝାର୍ସୁଗୁଡ଼ା ଆର୍ ରାଉର୍‌କେଲା ନ ଦିନର୍ ସବୁନୁ କମ୍ ତାତି ୧୪ ଡିଗ୍ରୀ ସେଲ୍ସିଅସ୍ ତଲେ ରହିଛେ ।